# ନିତ୍ୟାନନ୍ଦ ପଣ୍ଡା

ଜନ୍ମ: (୧୯୫୩ -......) ମସିହା

ବିଜ୍ଞାନ ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରିଥିବା ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଣ୍ଡା ମଧ୍ୟ ଜଣେ ଗାଳ୍ପିକ, ଔପନ୍ୟାସିକ ତଥା ବିଜ୍ଞାନ ଉପରେ ଆଧାରିତ ରଚନାର ଲେଖକ । ଶ୍ରୀ ପଣ୍ଡା ବର୍ତ୍ତମାନ ସମୟର ଜଣେ ସଂଭାବନାମୟ ଗାଳ୍ପିକ । ଶୈଳୀ ତଥା ଭାବ ଦୃଷ୍ଟିରୁ ମଝିଗଡ଼ିର ଗାଳ୍ପିକଙ୍କ ମଧ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ତାଙ୍କର ଗଳ୍ପଗୁଡ଼ିକ ଜଣେ ପାଠକକୁ ଭସେଇନିଏ କେଉଁ କଳ୍ପଲୋକକୁ । ତାଙ୍କର ପୁସ୍ତକ -

ପୁନର୍ଜନ୍ମ , ପାନ୍ଥଶାଳା, ବିଜ୍ଞାନ ବିବିଧା, ବିଜ୍ଞାନ ଓ ବିଜ୍ଞାନୀ

**ପୁନର୍ଜନ୍ମ (ଗଳ୍ପ),** ପୃଷ୍ଠା-୭୭, ପ୍ରକାଶକାଳ-୨୦୦୦, ମୂଲ୍ୟ- ଟ.୮୫/-

ନଅଗୋଟି ଗଳ୍ପର ସମାହାର । ଗଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ଚେତନା ସ୍ତରର ଲେଖା । ପାଠକେ ଏଥିରେ ଦ୍ୱିମତ ହେବେନାହିଁ ବୋଲି ଆଶା । ଗଳ୍ପଗୁଡ଼ିକ ନିଜସ୍ୱ ବାର୍ତ୍ତା ବହନ କରିଥାନ୍ତି ।

**ପାନ୍ଥଶାଳା,** ପୃଷ୍ଠା-୧୮୨, ପ୍ରକାଶକାଳ- ୨୦୦୮, ମୂଲ୍ୟ: ୧୫୦ଟଙ୍କା

ଏହି ସଂକଳନଟିରେ ରହିଛି ଚବିଶଟି ଗଳ୍ପ । ପ୍ରତ୍ୟେକଟି ଗଳ୍ପରେ ରହିଛି ଅନେକ ଚିହ୍ନା ଓ କିଛି ଅଚିହ୍ନା ଚରିତ୍ର । ଅଚିହ୍ନା ଏଥିପାଇଁ ଯେ ଏହି ଚରିତ୍ରମାନଙ୍କ ସଂଯୋଗ ଆକସ୍ମିକ । ସଂକଳନର ଶୀର୍ଷକ ଗଳ୍ପ 'ପାନ୍ଥଶାଳା'ରେ ଏମିତି ଦୁଇଟି ଚରିତ୍ର ହେଉଛନ୍ତି ଡାଃ ବରାଳ ଏବଂ ତାଙ୍କ ଧର୍ମପତ୍ନୀ । ଏଇ ଦୁଇ ଚରିତ୍ରଙ୍କୁ ଗଳ୍ପ ନାୟକ ବୁଝିବାକୁ ଚେଷ୍ଟା କରୁଛି ଅଥଚ ପାରୁନାହିଁ । ଆଉ ସେମାନଙ୍କୁ ବୁଝିବା ପୂର୍ବରୁ ସେମାନେ ପାନ୍ଥଶାଳା ଛାଡ଼ି ଚାଲି ଯାଉଛନ୍ତି । ପ୍ରତ୍ୟେକ ଗଳ୍ପରେ ରହିଛି କାହାଣୀର ଗତିଶୀଳତା, ସହ ଲଘୁବ୍ୟଙ୍ଗ । କେବଳ ସେତିକି ନୁହେଁ ଅବଚେତନର ସୂକ୍ଷ୍ମ ସ୍ପର୍ଶ, ଅତୀତ ଆମୁଖତା- ଏସବୁ ବି ରହିଛି ସଂକଳନରେ ସ୍ଥାନିତ ଗଳ୍ପ ଗୁଡ଼ିକରେ । ଗପଗୁଡ଼ିକ ପାଠକଙ୍କୁ ନିଶ୍ଚୟ ଛୁଇଁବ ।

**ବିଜ୍ଞାନ ବିବିଧା,** ପୃଷ୍ଠା-୨୮, ପ୍ରକାଶକାଳ- ୨୦୦୦, ମୂଲ୍ୟ:୨୫ /- ଟଙ୍କା

**ବିଜ୍ଞାନ ଓ ବିଜ୍ଞାନୀ,** ମୂଲ୍ୟ: ୪୦/-